## ସଂକ୍ଷେପରେ

### ପଥର ବୋଝେଇ ଟ୍ରାକ୍ଟର ଜବତ

ପାଟଣା,୨୭।୯(ସ୍ୱ. ପ୍ର.):କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ଧନୁର୍ଜୟପୁର ସଂରକ୍ଷିତ ଜଙ୍ଗଲରୁ ରବିବାର ସନ୍ଧ୍ୟାରେ ବେଆଇନ ପଥର ଉତ୍ତୋଳନ କରି ଚାଲାଣ କରୁଥିବା ଏକ ନମ୍ବର ବିହୀନ ଟ୍ରାକ୍ଟରକୁ ବନ ବିଭାଗ ଜବତ କରିଛି। ଏହି ଚଢ଼ାଉରେ ବନପାଳ ଜ୍ୟୋସ୍ନାରାଣୀ ବେହେରା, ଗାର୍ଡ ତ୍ରିନାଥ ଜେନା ଓ ପାରା ଷ୍ଟାଫ୍ ସାମିଲ ଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଟ୍ରାକ୍ଟର ଚାଳକ ଓ ଶ୍ରମିକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ।

### ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

ପାଟଣା,୨୭।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଡିଆନାଳି ଗ୍ରାମ ଚତିରି ସାହି କରୁଣା କର ମହାନ୍ତଙ୍କର ନବ ଥନିର୍ମିତ ଘର ସମ୍ମୁଖରୁ ରବିବାର ରାତିରେ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ମିଳି ନଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ନିର୍ମମ ଭାବେ ହତ୍ୟା କରି ଉକ୍ତ ସ୍ଥାନରେ ପକାଇ ଦେଇଥିବା ଅନୁମାନ କରାଯାଉଛି। ତାଙ୍କ ମୁହଁରେ ଗଭୀର କ୍ଷତ ଥିବା ବେଳେ ମୃତ ବ୍ୟକ୍ତିଙ୍କ ଶରୀର ଉପରେ ଜରି ବସ୍ତା ଘୋଡାଯାଇଥିବା ଦେଖିବାକୁ ମିଳିଛି। ରିର୍ପୋ ଲେଖାହେବା ସୁଦ୍ଧା ପାଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା।

### ପୂଜା ଗାଇଡ୍‌ଲାଇନ୍ ଜାରିକଲା ପ୍ରଶାସନ

କେନ୍ଦୁଝର,୨୭।୯(ଡି.ଏନ୍.ଏ.): ଆଗାମୀ ଦୁର୍ଗା, ଲକ୍ଷ୍ମୀ ଓ କାଳୀ ପୂଜା ପାଇଁ କେନ୍ଦୁଝର ଜିଲା ପ୍ରଶାସନ ନୂଆ ଗାଇଡ୍‌ଲାଇନ୍ ଜାରି କରିଛି। କୌଣସି ଦର୍ଶକ ବା ଭକ୍ତ ଏହି ପୂଜା ଦେଖିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଥିବା ବେଳେ କୋଭିଡ୍ ଗାଇଡ୍‌ଲାଇନ୍ ମାନି କେବଳ ୭ଜଣ ଆୟୋଜକ ଯେପରି କି କର୍ତ୍ତା, ପୁରୋହିତ, ସହଯୋଗକାରୀ ଉପସ୍ଥିତ ରହିପାରିବେ। ଜିଲାପାଳ ଆଶିଷ ଠାକ୍‌ରେ ନିର୍ଦ୍ଦେଶନାମା ନଂ. ୪୪୯୬ ତା. ୨୫।୯।୨୦ରେ ଏହି ଆଦେଶ ଜାରି କରିଛନ୍ତି। ମା'ଙ୍କର ମୃଣ୍ମୟୀ ପ୍ରତିମା ଉଚ୍ଚତା ୪ଫୁଟ୍‌ରୁ ଅଧିକ ହେବ ନାହିଁ ଏବଂ କୌଣସି ଭସାଣି ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି କୁହାଯାଇଛି। ସହାରାଞ୍ଚଳରେ ସମ୍ପୃକ୍ତ ପୌର ପରିଷଦର ନିର୍ବାହୀ ଅଧିକାରୀ ଓ ଗ୍ରାମାଞ୍ଚଳରେ ତହସିଲଦାରଙ୍କଠାରୁ ଅନୁମତି ନିଆଯାଇ ପୂଜା କାର୍ଯ୍ୟ ସମାପନ ହେବ। କୌଣସି ଶୋଭାଯାତ୍ରା ବିନା ନିର୍ଦ୍ଧାରିତ ହୋଇଥିବା ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ। ମେଢ଼ ସମ୍ମୁଖ ଚତୁଃପାର୍ଶ୍ୱ ଘୋଡ଼ାଇ ରଖାଯିବା ସହିତ ଏହାର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

### ବଣିକ ସଂଘର ସ୍ମୃତି ସଭା

ଖଇରା,୨୭।୯(ଡି.ଏନ୍.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ବଜାରର ଔଷଧ ଦୋକାନୀ ମନୋଜ ଖଟୁଆ(୪୫)ଙ୍କ ବିୟୋଗରେ ରବିବାର କୁପାରୀ ବଣିକ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି। ବଣିକ ସଂଘର ସଭାପତି ଅଶୋକ କୁମାର ଗୁପ୍ତାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ମୃତିସଭାରେ ସମ୍ପାଦକ ମାନସ ପରିଡା ,ସୁରେନ୍ଦ୍ର ପଣ୍ଡା ଏବଂ ଅନ୍ୟ ବ୍ୟବସାୟୀ ମାନେ ଯୋଗ ଦେଇ ସ୍ୱର୍ଗତ ଖଟୁଆଙ୍କ ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ।

# ବଦଳୁନି ଶହୀଦ ପୀଠ ଭାଗ୍ୟ

■ଇରମ ଶହୀଦ ଦିବସକୁ ୭୮ବର୍ଷ
■ଜାତୀୟ ସ୍ମାରକୀ ମାନ୍ୟତା ଦାବି

ବାସୁଦେବପୁର,୨୭।୯(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁରର ଇରମ ସ୍ଥିତ ଐତିହାସିକ ମେଳଣ ପଡ଼ିଆରେ ୧୯୪୨ ସେପ୍ଟେମ୍ବର ୨୮ରେ ଲୋମହର୍ଷଣକାରୀ ଗୁଳିକାଣ୍ଡ ଘଟିଥିଲା। ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିବା ସଂଗ୍ରାମୀମାନେ ଏଠାରେ ନିଜ ବୀରତ୍ୱର ପରିଚୟ ଦେଇ ଇଂରେଜମାନଙ୍କ ଗୁଳିକୁ ଖାତିର କରି ନ ଥିଲେ। ଫଳରେ ୨୯ ଜଣ ସଂଗ୍ରାମୀ ଆତ୍ମ ବଳିଦାନ ଦେବା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଇରମର ଏହି ଘଟଣାକୁ ଠିକ୍ ଭାବରେ ଓ ଉଚିତ ସମୟରେ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରାଯାଇ ନ ଥିବାରୁ ଏହା ଛାତ୍ରୀଛାତ୍ର ଓ ଗବେଷଣାରେ ନିମଗ୍ନ ବ୍ୟକ୍ତି ବିଶେଷଙ୍କ ଉପରେ ଏଯାବତ ଅଧିକ ପ୍ରଭାବ ପକାଇ ପାରିନାହିଁ। ବିଳମ୍ବରେ ହେଲେ ମଧ୍ୟ ଇତିହାସକାରଙ୍କ କେତେକ ତଥ୍ୟ ସମ୍ବଳିତ ପୁସ୍ତକ ଓ ଗଣମାଧ୍ୟମରେ ବାରମ୍ବାର ଇରମ ଗୁଳିକାଣ୍ଡର କଥା ପ୍ରକାଶିତ ହେବା ପରେ ଏହି ଘଟଣା ଜାତୀୟସ୍ତରରେ ପହଞ୍ଚି ପାରିଛି। ଇରମ ଗୁଳିକାଣ୍ଡର


ଶହୀଦ ପୀଠ।


ଶହୀଦ ସ୍ତମ୍ଭ।

ଗୌରବମୟ ଇତିହାସକୁ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଚଳିତ ମାସ ସଂସଦରେ ଉପସ୍ଥାପନ କରି ଇରମକୁ ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି କରିଛନ୍ତି। ଇରମ ଗୁଳିକାଣ୍ଡକୁ ୭୮ବର୍ଷ ଛୁଇଁଥିବା ବେଳେ ଶହୀଦ ପୀଠର ଭାଗ୍ୟ ଆଜି ବି ଅନ୍ଧାରରେ ଥିଲା ପରି ଲାଗୁଛି। ରାଜ୍ୟ ସରକାର ୨୦୧୫ରେ ଇରମକୁ ରାଜ୍ୟ ପର୍ଯ୍ୟଟନସ୍ଥଳୀ ଭାବରେ ଘୋଷଣା କରିଥିଲେ ମଧ୍ୟ ଏଯାବତ୍ ଭିତ୍ତିଭୂମିର ବିକାଶ ହୋଇପାରିନି। ଏହି ଐତିହାସିକ ପୀଠର ବିକାଶ ପାଇଁ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ ବର୍ଷ ପୂର୍ବେ ୧ କୋଟି ଟଙ୍କାର ଅର୍ଥ ରାଶି ଘୋଷଣା କରିଥିଲେ ମଧ୍ୟ ଏହା ଖର୍ଚ୍ଚ ହୋଇ ନ ପାରି ପଡ଼ିରହିଛି। ଶହୀଦ ପୀଠ ଭିତ୍ତିଭୂମିର ବିକାଶ ହୋଇ ପାରୁ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

ଶହୀଦ ୨୯ ଜଣଙ୍କ ମଧ୍ୟରୁ ପରିବେୱା ତତ୍କାଳୀନ ଭାରତଛାଡ଼ ଆନ୍ଦୋଳନରେ ପ୍ରଥମ ମହିଳା ଶହୀଦ ହୋଇଥିବା ବେଳେ ବିଜୁଳି ଦାସ ୧୨ ବର୍ଷ ବୟସରେ ଶହୀଦ ହୋଇ ନିଜ ବୀରତ୍ୱର ପରିଚୟ ପ୍ରଦାନ କରିଥିଲେ। ସେହିପରି ଇଂରେଜମାନଙ୍କୁ ଗମେଇ ନଦୀ ପାର କରାଇ ଦେଇ ନ ଥିବା ସଂଗ୍ରାମୀ କୁଶ ତରାଇ ହୁଅନ୍ତୁ କି ବ୍ରିଟିଶ ଫୌଜର ପୋଷାକରେ ପରିସ୍ରା କରି ନିଆଁ ଲଗାଇଥିବା ସଂଗ୍ରାମୀ ମଣି ବେଜ ହୁଅନ୍ତୁ ସେମାନଙ୍କର ସଂଗ୍ରାମର ପଟାନ୍ତର ନାହିଁ। ଯାହାକି ଇତିହାସକାରଙ୍କ ଆଖିରେ ଏକ ଅନାଲୋଚିତ ବିଷୟ ହୋଇ ରହିଯାଇଛି। ତେବେ ବର୍ତ୍ତମାନ ସରକାରୀସ୍ତରରେ ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଶହୀଦ ଦିବସ ପାଳନ ହେଉଥିବା ବେଳେ ଚଳିତ ବର୍ଷ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପୂର୍ବ ପରମ୍ପରା ଓ ବିଧି ଅନୁସାରେ ଚଳିତ ବର୍ଷ ସେପ୍ଟେମ୍ବର ୨୮ ତାରିଖରେ ଶହୀଦ ଦିବସ ପାଳନ ହେବ ବୋଲି ଇରମ ସରପଞ୍ଚ ତଥା ପରିଷଦ ସଭ୍ୟ ପ୍ରଫୁଲ୍ଲ ବିଶ୍ୱାଳ କହିଛନ୍ତି।

# ଥାନା ସମ୍ମୁଖରେ ବୃଦ୍ଧ ଦମ୍ପତିଙ୍କ ଆତ୍ମାହୁତି ଉଦ୍ୟମ

ବାଲିଆପାଳ,୨୭।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଥାନା ସମ୍ମୁଖରେ ରବିବାର ଏକ ବୃଦ୍ଧ ଦମ୍ପତି ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ବାଲିଆପାଳ ଥାନା ଅନ୍ତର୍ଗତ ରାଉତୁରା ଗ୍ରାମର ଗୌରାଙ୍ଗ ପାଣିଗ୍ରାହୀଙ୍କ ବ୍ୟକ୍ତିଗତ ଜମିକୁ ସେହି ଗ୍ରାମର ଦୁଇଜଣ ବ୍ୟକ୍ତି ଜୋର ଜବରଦସ୍ତ ଦଖଲ କରି ଗୃହ ନିର୍ମାଣ କରୁଛନ୍ତି। ଏବାବଦରେ ଗୌରାଙ୍ଗ ବାଲିଆପାଳ ତହସିଲଦାର ଏବଂ ପୋଲିସ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ କୌଣସି ନ୍ୟାୟ ମିଳୁ ନ ଥିଲା। ଏନେଇ ଗୌରାଙ୍ଗ ଅଦାଲତର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କୋର୍ଟ ଏହା ଉପରେ ରହିତାଦେଶ ଜାରି କରିଥିଲେ। କୋର୍ଟ ନିର୍ଦ୍ଦେଶ ବାଲିଆପାଳ ଥାନାରେ ଜଣାଇଥିଲେ। ମାତ୍ର ଘଟଣାଟି ଜାମକୁଣ୍ଡା ଫାଣ୍ଡି ଅଧୀନରେ ହୋଇଥିବାରୁ ବାଲିଆପାଳ ଥାନା ଆଇଆଇସି ଜାମକୁଣ୍ଡା ଫାଣ୍ଡି ଅଧିକାରୀଙ୍କୁ ଜଣାଇବା ପାଇଁ କହିଥିଲେ। ହେଲେ ଫାଣ୍ଡି ପୋଲିସ କୌଣସି ପଦକ୍ଷେପ ନ ନେବାରୁ ସମ୍ପୃକ୍ତ ବ୍ୟକ୍ତ ଦ୍ୱୟ କୋର୍ଟ ଆଦେଶକୁ ଅବମାନନା କରି ଗୃହ ନିର୍ମାଣ ଜାରି ରଖିଛନ୍ତି। ଏହାର ପ୍ରତିବାଦ କରିବାରୁ ସେମାନେ ପିଟାମରା କରିବା ସହ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଉଥିବା ବୃଦ୍ଧ ଦମ୍ପତି ଅଭିଯୋଗ କରିଛନ୍ତି। ତେବେ ପୋଲିସ ଅବହେଳାକୁ ଦାୟୀ କରି ବୃଦ୍ଧ ଦମ୍ପତି ଥାନା ସମ୍ମୁଖରେ ଆତ୍ମହୁତି ଉଦ୍ୟମ କରିଥିଲେ। ଏନେଇ ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କୁ ପଚାରିବାରୁ ବାଲିଆପାଳ ପୋଲିସ ରାଉତୁରା ଗ୍ରାମକୁ ଯାଇ ଗୃହ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିବା ସୂଚନା ଦେଇଛନ୍ତି।

# ମୃତଦେହ ସଂସ୍କାରକୁ ବିରୋଧ,ରାସ୍ତା ଅବରୋଧ


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ବାରିପଦା ଅଫିସ,୨୭।୯

ମୟୂରଭଞ୍ଜ ଜିଲା ବାରିପଦାରେ କରୋନା ଆକ୍ରାନ୍ତଙ୍କ ମୃତଦେହ ସଂସ୍କାରକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ରଘୁନାଥପୁର ଅଞ୍ଚଳବାସୀ ବାରିପଦା–ଲକ୍ଷ୍ମୀପୋଷି ରାସ୍ତାକୁ ଅବରୋଧ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶତାଧିକ ମହିଳା ପୁରୁଷ ଠେଙ୍ଗାବାଡ଼ି ଧରି ରାସ୍ତାରୋକ କରିଥିଲେ। ଉତ୍ତ୍ୟକ୍ତ ଲୋକେ ମୃତଦେହ ନେଇ ଆସିଥିବା ଏକ ଗାଡ଼ିକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିବା ବେଳେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

ଜିଲାରେ ପ୍ରତିଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେଥିମଧ୍ୟରୁ ଗୁରୁତର ରୋଗୀଙ୍କୁ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ବେଳେ ଅବଶିଷ୍ଟ ସ୍ୱଗୃହରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ଆକ୍ରାନ୍ତଙ୍କ ମୃତ୍ୟୁ ପରେ ଜିଲା ପ୍ରଶାସନ ପକ୍ଷରୁ ରଘୁନାଥପୁର ଅଞ୍ଚଳରେ ଥିବା ମଇଳା ଖାଦାନ ନିକଟରେ ଶବ ସଂସ୍କାର କରାଯାଉଥିଲା। ଲକ୍ଷ୍ମୀପୋଷି, ଶାଗୁଣାବସା, ଇନ୍ଦୁପାଇ ଓ ରଘୁନାଥପୁର ଅଞ୍ଚଳବାସୀ ୪ଦିନ ହେଲା ସେଠାରେ ଶବ ସଂସ୍କାରକୁ ବିରୋଧ କରିବା ସହିତ ଜିଲାପାଳଙ୍କ ଉପସ୍ଥିତିରେ ସମାଧାନ କରିବାକୁ ଜିଦ୍ ଧରିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରା ନ ଯିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଥିଲା। ଫଳରେ ଅଞ୍ଚଳବାସୀ ରାସ୍ତାରୋକ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀ ମାନସିଂହ ହାଁସଦା କୁହନ୍ତି, କରୋନା ଆକ୍ରାନ୍ତଙ୍କ ଶବଦାହ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ରୋଗ ସଂକ୍ରମଣର ଆଶଙ୍କା ରହିଛି। ପୂର୍ବରୁ ଏଠାରେ କେବଳ ମଇଳା ଆବର୍ଜନା ପକାଯାଉଥିଲା। ଜୋର ଜବରଦସ୍ତ ପ୍ରଶାସନ ପକ୍ଷରୁ ଏଠାରେ ମଶାଣି କରାଯାଇ ପରିବେଶକୁ ପ୍ରଦୂଷିତ କରାଯାଉଛି। ସ୍ଥାନୀୟ ଅଞ୍ଚଳର ଲିଙ୍ଗରାଜ ବେହେରା କୁହନ୍ତି, ବାରିପଦା ମ୍ୟୁନିସିପାଲଟି ଓ ଲକ୍ଷ୍ମୀପୋଷି ପଞ୍ଚାୟତ ଆଖାପାଖ ଗ୍ରାମର ହାଜର ହାଜର ଲୋକେ ପ୍ରତିଦିନ ଏହି ରାସ୍ତାରେ ଚଳପ୍ରଚଳ କରୁଛନ୍ତି। ସର୍ବସାଧାରଣ ସ୍ଥାନରେ ଶବସଂସ୍କାର କରିବା ପରିବର୍ତ୍ତେ ଜନବସତିଠାରୁ ୩ କି.ମି ଦୂରରେ ଶବଦାହ କରିବାର ନିୟମ ରହିଛି। ପ୍ରଶାସନ ପକ୍ଷରୁ ଏକ ନିର୍ଜନ ସ୍ଥାନରେ ଶବ ପୋଡ଼ିଲେ ଅଞ୍ଚଳବାସୀ ସୁସ୍ଥ ଜୀବନଯାପନ କରିପାରିବେ। ମୀନତି ସୋରେନ କୁହନ୍ତି, କୋଭିଡ୍ ହସ୍ପିଟାଲ ନିକଟବର୍ତ୍ତୀ ଅଞ୍ଚଳରେ ବହୁତ ସ୍ଥାନ ଖାଲି ପଡ଼ିଛି। ସେଠାରେ ଜନବସତି ନ ଥିବା ବେଳେ ପ୍ରଶାସନ ସେହିସ୍ଥାନରେ ଶବଦାହ ନ କରି ଜାଣିଶୁଣି ଏଠାରେ ଶବ ସଂସ୍କାର କାର୍ଯ୍ୟ କରୁଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଉତ୍ତେଜନା ମୂଳକ ପରିସ୍ଥିତି ଲାଗି ରହିଥିଲା। ତହସିଲଦାର ରାମଚନ୍ଦ୍ର ସୋରେନ, ମ୍ୟୁନିସିପାଲିଟିର ଅଧିକାରୀ ଓ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ଉପସ୍ଥିତ ରହି ଲୋକମାନଙ୍କୁ ବୁଝାସୁଝା ଜାରି ରଖିଛନ୍ତି।

# ସୁବର୍ଣ୍ଣ ଜୟନ୍ତୀ ସଭା

ଢେଙ୍କିକୋଟ, ୨୭।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ସତ୍ୟନାରାୟଣ ବିଦ୍ୟାପୀଠରେ ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ସଭା ହୋଇଯାଇଛି। ଏହି ଅବସରରେ ସ୍କୁଲର ପୁରାତନ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ଏକାଠି ହୋଇଥିଲେ। ୧୯୮୩ ବ୍ୟାଚର ଛାତ୍ର ପ୍ରଫୁଲ କୁମାର ସିଂ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଏହି ସଭାର ଆହ୍ୱାନ ଦେଇଥିଲେ। ଏଥିରେ ସ୍କୁଲର ପୁରାତନ ଶିକ୍ଷକ ଦିନମଣି ବେହେରା ସଭାପତିତ୍ୱ କରିଥିଲେ। ସଭା ପରିଚାଳନା କରିଥିଲେ ପୁରାତନ ଶିକ୍ଷକ କୁଳମଣି ମଣ୍ଡଳ। ସୁବର୍ଣ୍ଣ ଜୟନ୍ତୀ କିପରି ଶାନ୍ତି ଶୃଙ୍ଖଳାର ସହ ଖୁବ ଜାକଜମକରେ ଅନୁଷ୍ଠିତ ହେବ ସେନେଇ ସଭାରେ ଆଲୋଚନା ହୋଇଥିଲା।

# ଦୋକାନରୁ ଚୋରି

ବନ୍ତ,୨୭।୯(ସ୍ୱ.ପ୍ର.)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଆଡ଼ିଆ ଗିରିଧାରୀନଗର ଛକରେ ଥିବା ଏକ କ୍ଷେସନେରି ଦୋକାନରୁ ଶନିବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଗିରିଧାରୀନଗର ଗ୍ରାମର ଭଗବାନ ବେହେରାଙ୍କ ପୁଅ ଅଶୋକ ନିକଟରେ ବିଶ୍ୱକର୍ମା ପୂଜା ଦିନ ଉକ୍ତ ଗାଁ ଛକରେ ଦୋକାନ ଆରମ୍ଭ କରିଥିଲେ। ଗତ ରାତି ୧୦ ଟାରେ ସେ ଦୋକାନରୁ ଆସିଥିବା ବେଳେ ରବିବାର ସକାଳୁ ଦୋକାନ କୋଳପ ଭଙ୍ଗାଯାଇ କବାଟ ଖୋଲାଥିବା ଦେଖିଥିଲେ। ଦୋକାନରୁ ଇମିଟେଶନ ମଙ୍ଗଳସୂତ୍ର, ମୁଦି, ଅତର, ସାବୁନ ଆଦି ୨୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଶୋକ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଖନ୍ତାପଡ଼ା ଥାନା ଏଏସ୍‌ଆଇ ନିଲମ୍ବିତ

ବାହାନଗା,୨୭।୯(ଡି.ଏନ.ଏ.)

**ଅଭିଯୁକ୍ତଙ୍କୁ ଥାନାରୁ ଛାଡ଼ିଦେବା ଘଟଣା**

କ୍ରେଡିଟ୍ କାର୍ଡ ହଡପ କରିଥିବା ଯୁବକଙ୍କୁ ଥାନାକୁ ଆଣି ପରେ ଛାଡ଼ିଦେବା ନେଇ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନାର ଜଣେ ଏଏସ୍‌ଆଇ ଅଡୁଆରେ ପଡ଼ିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର ଘଟଣାର ତଦନ୍ତ ପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ଏଏସ୍‌ଆଇ ହେଲେ ଗୌରହରି ଦାସ। ଅନ୍ୟପକ୍ଷେ କ୍ରେଡିଟ୍ କାର୍ଡ ହଡ଼ପ ଅଭିଯୋଗରେ ରବିବାର ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ବାହାନଗା ବ୍ଲକ ଖନ୍ତାପଡ଼ା ଥାନା ଅଧୀନ କସପାଜୟପୁର ଗ୍ରାମର ନିରଞ୍ଜନ ମଲ୍ଲିକଙ୍କ ପୁଅ ଅମିୟ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲିଥିଲେ। ବ୍ୟାଙ୍କ ପକ୍ଷରୁ ଅମିୟଙ୍କ ଠିକଣାରେ ଏକ କ୍ରେଡିଟ୍ କାର୍ଡ କୋରିୟର ଯୋଗେ ପଠାଯାଇଥିଲା। ସେହି କାର୍ଡକୁ କୋରିୟର କମ୍ପାନୀର କର୍ମଚାରୀଙ୍କଠାରୁ କୌଣସି ମତେ କୁଳିଗାଁ ପଞ୍ଚାୟତ ଅନ୍ତର୍ଗତ ବେଠିପୁର ଗ୍ରାମର ରତ୍ନାକର ମଲ୍ଲିକ ହାତେଇ ନେଇଥିଲେ। ପରେ ସେହି କାର୍ଡରେ ଖନ୍ତାପଡ଼ା ବଜାରସ୍ଥିତ ଏକ ଦୋକାନରୁ ରତ୍ନାକର ଗତ ୧୧ ତାରିଖରେ ୨ ହଜାର ଟଙ୍କାର ଲୁଗା କିଣିଥିଲେ। ସଙ୍ଗେ ସଙ୍ଗେ ଅମିୟଙ୍କ ରେଜିଷ୍ଟର ମୋବାଇଲକୁ ମେସେଜ୍ ଯାଇଥିଲା। ମେସେଜ୍ ଦେଖି ସେ ତୁରନ୍ତ ଉକ୍ତ ଲୁଗାଦୋକାନ ପାଖରେ ପହଞ୍ଚି ରତ୍ନାକରଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ପରେ ତାଙ୍କୁ ଖନ୍ତାପଡ଼ା ଥାନା ପୋଲିସ୍ ଜିମା ଦେଇଥିଲେ। ତେବେ କିଛି ଘଣ୍ଟା ପରେ ଥାନା ପକ୍ଷରୁ ରତ୍ନାକରଙ୍କୁ ଛାଡ଼ି ଦିଆଯାଇଥିଲା। ମାତ୍ର ଅମିୟଙ୍କ ବାପା ନିରଞ୍ଜନ ମଲ୍ଲିକଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ.୨୯୪/୨୦) ରୁଜୁ ହୋଇଥିଲା। ତେବେ ଅଭିଯୁକ୍ତଙ୍କୁ ଛାଡ଼ି ଦିଆଯିବା ନେଇ ଅମିୟଙ୍କ ବାପା ଜିଲା ଆରକ୍ଷୀ ଅଧୀକ୍ଷକ ମିଶ୍ରଙ୍କଠାରେ ଅଭିଯୋଗ କରିଥିଲେ। ଏସ୍‌ପି ମିଶ୍ର ସଦର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ୍‌ଙ୍କୁ ତଦନ୍ତ ଭାର ଦେଇ ଥିଲେ। ତେବେ ଏସ୍‌ଡିପିଓ ପାଲ୍ ତଦନ୍ତ ରିପୋର୍ଟ ଦେବାପରେ ଶନିବାର ଏସ୍‌ପି ମିଶ୍ର କାର୍ଯ୍ୟରେ ଅବହେଳା ପାଇଁ ଥାନା ଏଏସ୍‌ଆଇ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏସଂକ୍ରାନ୍ତରେ ଏସ୍‌ଡିପିଓ ପାଲ୍‌ଙ୍କୁ ପଚାରିବାରୁ ଏଏସ୍‌ଆଇ ଦାସଙ୍କୁ ନିଲମ୍ବନ ସହ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି।

# ନିରାଡ଼ମ୍ବର ଭାବେ ପର୍ଯ୍ୟଟନ ଦିବସ ପାଳିତ

ପାଟଣା/ଢେଙ୍କିକୋଟ/କେନ୍ଦୁଝର, ୨୭।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ମିଳିତ ସହଯୋଗରେ ଏହି ଦିବସ ପାଳିତ ହୋଇଯାଇଛି। ଜିଲାର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ରହିଥିଲେ। କୋଭିଡ୍ ନିୟମ ଅନୁଯାୟୀ କମ୍ ଲୋକଙ୍କ ଉପସ୍ଥିତିରେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ମାସ୍କ ପିନ୍ଧି ପାଳନ କରାଯାଇଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ନାୟକ, ୱାର୍ଡ ସଭ୍ୟ ଗୀତରାଣୀ ମହାନ୍ତ, ଭୀମକୁଣ୍ଡ ଉନ୍ନୟନ ପରିଷଦ ଓ ସ୍ଥାନୀୟ ମନ୍ଦିର କମିଟିର ଚିନ୍ତାମଣି ମାହାନ୍ତ, କାର୍ତ୍ତିକେୟ ନାଏକ, ମନୋରଞ୍ଜନ ମୋଦି ଓ ଭକ୍ତବନ୍ଧୁ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ର ବିକାଶ, ପିଇବା ପାଣି ସମସ୍ୟା, ସୁରକ୍ଷା ଓ ପାର୍କ ନିର୍ମାଣ ଉପରେ ଆଲୋଚନା ହୋଇଥିଲା।

# ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

ଚାନ୍ଦବାଲି,୨୭।୯(ଡି.ଏନ୍.ଏ.)

ବନ୍ୟାଜନିତ ରିଲିଫ୍ କାର୍ଯ୍ୟରେ ଅବହେଳା ପାଇଁ ଭଦ୍ରକ ଜିଲା ଚାନ୍ଦବାଲି ପଞ୍ଚାୟତ ସମିତି ଅଧୀନ ଆରଡ଼ି ପଞ୍ଚାୟତର ନିର୍ବାହୀ ଅଧିକାରୀ(ପିଇଓ) ସଞ୍ଜୟ ଦାସଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଜିଲାପାଳଙ୍କ ଟୁଇଟରରୁ ଜଣାପଡ଼ିଥିବା ତଥ୍ୟ ଅନୁସାରେ ଏହି ନିଲମ୍ବନ ସମୟ ମଧ୍ୟରେ ଅର୍ଦ୍ଧେକ ଦରମା ପ୍ରଦାନ କରାଯିବା ସହିତ ତାଙ୍କୁ ଚାନ୍ଦବାଲି ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପଞ୍ଚାୟତ ଅଧିକାରୀ ଚିଠି ନଂ.୪୨୬ ବଳରେ ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭିନ୍ନ ବିଭାଗକୁ ଅବଗତ କରିଛନ୍ତି।

# ସଦର ନିର୍ବାଚନ ମଣ୍ଡଳୀ ଉପନିର୍ବାଚନ ପ୍ରସ୍ତୁତି

ବାଲେଶ୍ୱର ଅଫିସ,୨୭।୯

**ଭାଜପାର ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ**

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୬ ପଞ୍ଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଆଗାମୀ ଉପନିର୍ବାଚନର ପ୍ରସ୍ତୁତି ଲାଗି ଏକ କାର୍ଯ୍ୟକର୍ତ୍ତା ବୈଠକ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶରେ ନିର୍ବାଚନ ମଣ୍ଡଳୀ ସଂଯୋଜକ ମାନସ କୁମାର ଦତ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ଆଗାମୀ ଦିନରେ ଦିବଂଗତ ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ଅସୁସ୍ଥତା ସତ୍ତ୍ୱେ ସଫଳତାର ଗୋଟିଏ ବର୍ଷ ସମ୍ବନ୍ଧରେ ବିଶଦ ଆଲୋଚନା ହେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନା ଓ କୋଭିଡ୍ ସୁପରିଚାଳନା ପାଇଁ ଓଡିଶାକୁ ବିପୁଳ ଅର୍ଥର ମଞ୍ଜୁର ସତ୍ତ୍ୱେ ରାଜ୍ୟ ସରକାର ଏହାକୁ ଠିକ ଭାବେ ବିନିଯୋଗ କରିପାରି ନାହାନ୍ତି ବୋଲି ଉପସ୍ଥିତ ବକ୍ତାମାନେ ମତ ଦେଇଥିଲେ। ଏହା ସହ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶାସକ ଦଳର ବିଭିନ୍ନ ଭ୍ରଷ୍ଟାଚାର, ରାଶନକାର୍ଡ ଓ ଭତ୍ତା ବଣ୍ଟନରେ ଦଳୀୟ ଆଧାରରେ ପାତର ଅନ୍ତର ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ହଡ଼ପ କରିବା, ଦିବଂଗତ ବିଧାୟକ ଓ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ଆହୁତ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସରକାରୀ କଳର ଅପବ୍ୟବହାରରେ ବାଧା ସୃଷ୍ଟି କରିବା ଆଦି ବିଭିନ୍ନ ବିଷୟରେ ଆଲୋଚନା ହେବା ସହ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ ପାଇଁ ଉଜାଗର ରହିବାକୁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଉପନିର୍ବାଚନରେ ପୁନଃ ବିଜୟ ପାଇଁ ବିଭିନ୍ନ ରଣ କୌଶଳ ବିଷୟରେ ଚର୍ଚ୍ଚା ହେବା ସହ ବିଭିନ୍ନ କାର୍ଯ୍ୟକ୍ରମମାନ ପଞ୍ଚାୟତସ୍ତରରେ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବରିଷ୍ଠ ଭାଜପା ନେତା ରବିନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବିଧାନସଭା ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ପ୍ରବୀର ଶଙ୍କର ଦାଶ, ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ମଣ୍ଡଳ ସଭାପତି ତପନ ଗିରି ପ୍ରମୁଖ ମଞ୍ଚାସୀନ ଥିଲେ।


ବୈଠକରେ ଯୋଗ ଦେଇଥିବା ଭାଜପା କାର୍ଯ୍ୟକର୍ତ୍ତା।

# ପରିବା ଦର ଆକାଶଛୁଆଁ

■କୃଷିଭିତ୍ତିକ ଜିଲାରେ ଅମୂଲମୂଲ
■ଖାଉଟି ହନ୍ତସନ୍ତ

କେନ୍ଦୁଝର, ୨୭।୯(ଡି.ଏନ.ଏ.)

କେନ୍ଦୁଝର ପରି ଏକ କୃଷିଭିତ୍ତିକ ଜିଲାରେ ଏବେ ପନିପରିବାର ଦର ଆକାଶଛୁଆଁ ହୋଇଥିବାବେଳେ ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡିଛି। ଲୋକେ ପରିବା କିଣିବାକୁ ଗଲାବେଳେ ଏହାର ଦର ଶୁଣି ମୁଣ୍ଡରେ ହାତ ଦେଉଥିବା ଲକ୍ଷ୍ୟ କରାଯାଉଛି। ଏହି ଦରକୁ ନିୟନ୍ତ୍ରଣ କରିବା ପାଇଁ କାହାରି ଅଙ୍କୁଶ ରହୁ ନ ଥିବାରୁ ଲୋକମାନଙ୍କର ଦୁର୍ଦ୍ଦଶା ଚରମସୀମାରେ ପହଞ୍ଚିଛି।

ଗତବର୍ଷ ଏହି ସମୟରେ ବିଲାତି କେଜି ୨୦ଟଙ୍କାରୁ ୩୦ଟଙ୍କା ମଧ୍ୟରେ ବିକ୍ରି ହେଉଥିବାବେଳେ ଏବେ ବିଲାତି କେଜି ୮୦ ରୁ ୧୦୦ ଟଙ୍କା କେଜି ପ୍ରତି ବିକ୍ରି ହେଉଛି। ବାଇଗଣ ୪୦ରୁ ୫୦ଟଙ୍କା, କଲରା ୭୦ଟଙ୍କା, ବନ୍ଧାକୋବି ୮୦ଟଙ୍କା, ଫୁଲକୋବିର ଦର ୮୦ଟଙ୍କା, କାକୁଡି ୪୦ଟଙ୍କା, ମଟର ଛୁଇଁ ୮୦ଟଙ୍କା,


କେନ୍ଦୁଝରର ଏକ ପରିବା ବଜାର।

ପୋଇ ୨୦ଟଙ୍କା, ବୋଇତାଳୁ ୩୦ଟଙ୍କା, ସାରୁ ୫୦ଟଙ୍କା, ଝୁଡଙ୍ଗ ୮୦ଟଙ୍କା, ଶିମ୍ବ ୫୦ଟଙ୍କାରେ ବିକ୍ରି ହେଉଛି। ସେହିପରି କାପ୍‌ସିକମ୍,ବିନସ୍,ଗାଜର ଓ ଲଙ୍କା ଦର ସାଧାରଣ ଖାଉଟିଙ୍କର ପକେଟକୁ ସୁହାଉନାହିଁ। କେତେକ ଚାଷୀ ଲଗାଣ ବର୍ଷାରେ ପରିବା ଦର ଏପରି ହୋଇଛି ବୋଲି ମତବ୍ୟକ୍ତ କରୁଥିବାବେଳେ ବାସ୍ତବରେ ବ୍ୟବସାୟୀମାନେ ମନଇଚ୍ଛା ଦର ବଢାଇବାକୁ ନିଷ୍ପତ୍ତି ନେଉଥିବା ପରିଲକ୍ଷିତ ହେଉଛି। କେନ୍ଦୁଝରର ସହରତଳି ଅଞ୍ଚଳମାନଙ୍କରେ ବିଶେଷ କରି ରାଇସୁଆଁ, ମହାଦେଇଯୋଡ଼ା, ଧାତିକା, ପାଟଣା ବ୍ଲକର ଭଅଁରପୁର, ବାଉଁଶୂଳୀ, ଚିଲିଦା, ରେଙ୍ଗାଳବେଡା, ସଦର ବ୍ଲକର ଶଙ୍କରପୁର, ମଇଦାନକେଲ,ମଥୁରାମଣ୍ଡଳୀ ଆଦି ଅଞ୍ଚଳରେ ବିପୁଳ ପରିମାଣର ପରିବା ଚାଷ ହେଉଥିଲେ ମଧ୍ୟ କେନ୍ଦୁଝର ସହରରେ ଏପରି ଦରବୃଦ୍ଧି ଖାଉଟିମାନଙ୍କୁ ଅଡୁଆରେ ପକାଇଛି। କେବଳ ସେତିକି ନୁହେଁ ନିକଟସ୍ଥ ଗ୍ରାମାଞ୍ଚଳ ହାଟମାନଙ୍କରେ ପରିବା ଦର ନାହିଁ ନ ଥିବା ବୃଦ୍ଧି ପାଇଛି। ଖାଉଟି ବଜାରର ଏହି ଶୋଚନୀୟ ଅବସ୍ଥା ପାଇଁ କାହାକୁ ଦାୟୀ କରାଯିବ ତାହା ଏବେ ଚିନ୍ତାର କାରଣ ହୋଇଥିବାବେଳେ ଜିଲା ପ୍ରଶାସନ, ଯୋଗାଣ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଖାଉଟିମାନେ ଦାବି କରିଛନ୍ତି।

